## ମୟୂର ସୁରକ୍ଷା ନେଇ ସଚେତନତା

ଶେରଗଡ,(ଡି.ଏନ.ଏ.): ଶେରଗଡ ବ୍ଲକ କରଞ୍ଜେଇ ପୀଠରେ ମୟୂର ସୁରକ୍ଷା ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂର ସୁରକ୍ଷା ସମିତି ସଭାପତି ସମୀର ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆସିକା ରେଞ୍ଜର ପ୍ରସନ୍ନ କୁମାର ସାହୁ ଯୋଗଦେଇ ପାକିଡି ପାହାଡରେ ରହିଥିବା ମୟୂରମାନଙ୍କ ସୁରକ୍ଷା ଦିଗରେ ଆମେ ଯତ୍ନବାନ ହେବା ଆବଶ୍ୟକ, ସେମାନଙ୍କ ଉପରେ ନଜର ରଖିବାକୁ କୁହିଥିଲେ। ଉକ୍ତ କର୍ମଶାଳାରେ ୯ଟି ମୟୂର ସୁରକ୍ଷା ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଟି ପାଇଁ ଆକ୍ରମଣ, ୨ ଗିରଫ

ହିଞ୍ଜିଳିକାଟୁ,୨୪।୯(ଡି.ଏନ୍.ଏ): ହିଞ୍ଜିଳି ଥାନା ଖରିଡ଼ା ଗ୍ରାମରେ ବୁଧବାର ରାତିରେ ଜଣେ ଟ୍ରାକ୍ଟର ଚାଳକଙ୍କୁ ୬ ହଜାର ଟଙ୍କା ବଟି ମାଗିବା ସହ ମନା କରିବାରୁ ଆକ୍ରମଣ ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖରିଡ଼ା ଗ୍ରାମର ମଗୁଲୁ ସ୍ୱାଇଁ ଓ ଉତମ ମହାନ୍ତି। ଏ ନେଇ ନଂ. ୫୦୪/୨୧ରେ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖରିଡ଼ା ଗ୍ରାମର ଏକ ପାନ ଦୋକାନ ନିକଟରେ ଲିଟୁ ସ୍ୱାଇଁଙ୍କୁ ଉକ୍ତ ଗ୍ରାମର ମଗୁଲୁ ଓ ଉତମ ପ୍ରତ୍ୟେକ ମାସରେ ୬ ହଜାର ଟଙ୍କା ବଟି ମାଗିବା ସହ ଠେଙ୍ଗା ଆକ୍ରମଣ କରିଥିଲେ। ଏ ନେଇ ଗୁରୁବାର ଲିଟୁ ଥାନାରେ ଅଭିଯୋଗ କରିଥିଲେ।

### ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

ଗଞ୍ଜାମ,୨୪।୯(ଡି.ଏନ.ଏ.): ଗଞ୍ଜାମ ଏନଏସି ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ବରପଲ୍ଲୀ ୟୁଥ କ୍ଲବ ଓ ଗଞ୍ଜାମ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ମିଳିତ ଆନୁକୁଲ୍ୟରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକ ଠାକୁର ପ୍ରସାଦ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରେ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅଷ୍ଟମ ବାଟାଲିୟନ ଆସିଷ୍ଟାଣ୍ଟ କମାଡେଣ୍ଟ ଅରୁଣ କୁମାର ପ୍ରଧାନ, ଗଞ୍ଜାମ ମହାବିଦ୍ୟାଳୟର ଅଧକ୍ଷ ପ୍ରବୀଣ କୁମାର ନନ୍ଦ, ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ଅମର ବିଷୋୟୀ, ଇତିହାସ ବିଭାଗର ମୁଖ୍ୟ ପ୍ରଭାତୀ ତ୍ରିପାଠୀ, ଗଞ୍ଜାମ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଅଧିକ୍ଷଣ ଯନ୍ତ୍ରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଏସ୍ଏଚ୍ଜିଙ୍କୁ ଋଣ ପ୍ରଦାନ

ଶେରଗଡ଼,୨୪।୯(ଡି.ଏନ.ଏ.): ଶେରଗଡ଼ ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ଋଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଅଧକ୍ଷତା କରିଥିଲେ। ସିଡିପିଓ ଗୀତାଞ୍ଜଳୀ ରାଉଳ, ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ବନିତା ସାହୁଙ୍କ ସଂଯୋଜନାରେ ବ୍ଲକର ୧୯୬ ସ୍ୱୟଂ ସହାୟକ ଗୋଷ୍ଠୀକୁ ୪ କୋଟି ୨୮ଲକ୍ଷ ଋଣ ପ୍ରଦାନ କରାଯାଇଥିଲା।

### ଜାତୀୟ ସେବା ଯୋଜନା ଦିବସ

ପାରଳାଖେମୁଣ୍ଡି,୨୪।୯(ଡି.ଏନ୍.ଏ.): ସଦର ମହକୁମା ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ରିନା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଭାରତୀ ପାଣିଗ୍ରାହୀ କହିଥିଲେ, ୧୯୬୯ ସେପ୍ଟେମ୍ବର ୨୪ରୁ ସାରା ଦେଶରେ ଏହି ଏନ୍ଏସ୍ଏସ୍ ଦିବସକୁ ଗୁରୁତର ସହ ସମସ୍ତ ବିଶ୍ୱବିଦ୍ୟାଳୟ ଗୁଡିକରେ ପାଳନ କରାଯାଉଛି। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀମାନଙ୍କୁ ଅଧକ୍ଷା ପୁରସ୍କୃତ କରିଥିଲେ।

### ଖବରଦାତାଙ୍କ ବିୟୋଗରେ ଶୋକ

ପାରଳାଖେମୁଣ୍ଡି/ଭଞ୍ଜନଗର,(ଡି.ଏନ.ଏ.) ଫୁଲବାଣୀ ଅଫିସ୍,୨୪।୯- କଟକ ମୁଣ୍ଡୁଳିଠାରେ ମହାନଦୀରେ ଫସି ରହିଥିବା ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ଓଡ୍ରାଫ୍ ଟିମ ବୋଟ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଟିଭିର ଯୁବ ଖବରଦାତା ଅରିନ୍ଦମ ଦାସଙ୍କ ବିୟୋଗରେ ଶୁକ୍ରବାର ଗଞ୍ଜାମ, କନ୍ଧମାଳ, ଗଜପତି ଜିଲାରେ ସାମ୍ବାଦିକମାନଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଏ ନେଇ ଗଞ୍ଜାମର ବୁଗୁଡ଼ା, ସୋରଡ଼ା, ଆସିକା, ଭଞ୍ଜନଗର ଓ ଗଜପତି ଜିଲାର ପାରଳାଖେମୁଣ୍ଡି ଏବଂ କନ୍ଧମାଳ ଜିଲାର ଫୁଲବାଣୀଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅରିନ୍ଦମଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଛି।

# ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କ କଲେଜ ପରିଦର୍ଶନ

ଭଞ୍ଜନଗର,୨୪।୯(ଡି.ଏନ.ଏ)



କେଏସ୍‌ୟୁବି କଲେଜରେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ନାମଲେଖା ପ୍ରକ୍ରିୟା ବୁଲି ଦେଖୁଛନ୍ତି।

ଭଞ୍ଜନଗର ଉପଖଣ୍ଡର କେତେକ କଲେଜରେ ଶିକ୍ଷାଦାନ ବ୍ୟବସ୍ଥା ଠିକ୍ ନ ଥିବା ନେଇ ବିଭିନ୍ନ ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଉଛି। ଶୁକ୍ରବାର ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ (ଉଚ୍ଚଶିକ୍ଷା) ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଭଞ୍ଜନଗର ଉପଖଣ୍ଡର କେତକ କଲେଜ ପରିଦର୍ଶନ କରିଥିଲେ। ଏକ କଲେଜର ଅଧିକାଂଶ ଅଧାପକ ନିର୍ଦ୍ଧାରିତ ସମୟରେ ଆସି ନ ଥିବା ସେ ଜାଣିବାକୁ ପାଇଥିଲେ। କଲେଜର ଶିକ୍ଷାଦାନ ବ୍ୟବସ୍ଥା ନେଇ ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିପାଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ସମ୍ପୃକ୍ତ ମହାବିଦ୍ୟାଳୟକୁ ବାରମ୍ବାର ସ୍ୱତନ୍ତ୍ର ଟିମ୍ ପଠାଇ ଉପସ୍ଥାନ ସହ କାଗଜପତ୍ର ଠିକ୍ ଅଛି କି ନାହିଁ ତାହାର ଯାଞ୍ଚ କରିବା ବ୍ୟବସ୍ଥା ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ କରାଯାଉଥିବା ଜଣାପଡ଼ିଛି। ପେନସନ୍ କାଗଜ ନିର୍ଦ୍ଧାରିତ ସମୟରେ ନ ହେଲେ, କୌଣସି କର୍ମଚାରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଞ୍ଚଳିକ ନିର୍ଦ୍ଦେଶକ କେତକ କଲେଜ କର୍ମଚାରୀଙ୍କୁ ପରୋକ୍ଷରେ ଚେତାଇ ଦେଇଛନ୍ତି। ଆଞ୍ଚଳିକ ନିର୍ଦ୍ଦେଶକ ଶୁକ୍ରବାର ଗାଲେରି ଦଣ୍ଡପାଣି ମହାର୍ଥା କଲେଜ, ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଆଦି ପ୍ରମୁଖ ମହାବିଦ୍ୟାଳୟ ପରିଦର୍ଶନ କରି ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କେଏସ୍‌ୟୁବି, ସାବିତ୍ରୀ କଲେଜରେ ୟୁକ୍ତ୨ ଓ ୟୁକ୍ତ୩ ନାମ ଲେଖା ପ୍ରକ୍ରିୟା ବ୍ୟବସ୍ଥା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ଅଧାପିକା ଅଧାପକମାନେ ଅଧିକ ଗବେଷଣା କରିବା ପାଇଁ ପରାମର୍ଶ ଦେଇଥିଲେ। ଭଞ୍ଜନଗରର ଦୁଇ କଲେଜ ପରିଦର୍ଶନ ବେଳେ ଅଧକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଡ଼.ଜୟରାମ ସେନାପତିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାଜଜ୍ ଛତ୍ରପୁର ସବଜେଲ ପରିଦର୍ଶନ କରି ଫେରୁଛନ୍ତି।

# ଛତ୍ରପୁର ସବ୍‌ଜେଲ ପରିଦର୍ଶନ କଲେ ଜିଲାଜଜ୍

ଛତ୍ରପୁର,୨୪।୯(ଡି.ଏନ୍.ଏ.)

ଛତ୍ରପୁର ସବ୍‌ଜେଲକୁ ଶୁକ୍ରବାର ଜିଲାଜଜ ଶଶିକାନ୍ତ ମିଶ୍ର ପରିଦର୍ଶନରେ ଆସି ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଏଥିସହ ଜିଲା ପ୍ରଶାସନର ସହଯୋଗରେ ଜେଲ ଅନ୍ତେବାସୀ ତଥା ମଲାଡ ଅଞ୍ଚଳର ଆର.ଚିତ୍ତରଞ୍ଜନଙ୍କ ବିଭିନ୍ନ ଚିତ୍ରକଳା ଦେଖିବା ସହ ଏ ସଂକ୍ରାନ୍ତରେ ତାଙ୍କ ସହ ଆଲୋଚନା କରିଥିଲେ। ଆର୍. ଚିତ୍ତରଞ୍ଜନ ୨୦୧୭ ଜାନୁୟାରୀରେ ଏକ ବଳାତ୍କାର ମାମଲାରେ ଛତ୍ରପୁର ସବଜେଲକୁ ଆସିଛନ୍ତି। ଜେଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ସହଯୋଗରେ ମାଟି ହାଣ୍ଡିରେ ସୁନ୍ଦର ଚିତ୍ର କରି ରୋଜଗାରକ୍ଷମ ହୋଇପାରିଛନ୍ତି। ଜିଲାଜଜ୍‌ଙ୍କ ପରିଦର୍ଶନ ବେଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ସବଜେଲ ଅଧୀକ୍ଷକ ଶୁଭସ୍ମିତା ବିଶ୍ୱାଳ ଉପସ୍ଥିତ ଥିଲେ। ସବଜେଲ୍ ପରିଦର୍ଶନ ପରେ ଜିଲା ଦୌରାଜଜ ଛତ୍ରପୁରସ୍ଥିତ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ସେଠାରେ ଅତିରିକ୍ତ ଜିଲା ଦୌରାଜଜ ରାଜା ରଞ୍ଜନ ପାଢୀ ଓ ଅନ୍ୟ ବିଚାରପତି ମାନଙ୍କ ଆଲୋଚନା କରିଥିଲେ।

# ଏନଏସ୍ଏସ୍ ଦିବସକୁ ଭୁଲିଗଲେ

ଭଞ୍ଜନଗର,୨୪।୯(ଡି.ଏନ.ଏ)

ଜାତୀୟ ସେବା ଯୋଜନା (ଏନଏସ୍ଏସ୍) ମହତ୍ ଉଦ୍ଦେଶ୍ୟ ନେଇ ଗଠନ ହୋଇଛି। ହେଲେ ଧିରେ ଧିରେ କଲେଜଗୁଡ଼ିକରେ ଥିବା ଏନଏସ୍ଏସ୍ ଶାଖାଗୁଡ଼ିକ ସ୍ଥାଣୁ ପାଲଟି ଗଲାଣି। ପରିଚାଳନାଗତ ତ୍ରୁଟି ଏବଂ ଶାଖାଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଅନୁଦାନ ମିଳୁ ନ ଥିବା ଯୋଗୁ ଏହି ଅବସ୍ଥା ଉପୁଜିଛି। ସେପ୍ଟେମ୍ବର ୨୪କୁ ଏନଏସ୍ଏସ୍ ଦିବସ ଭାବେ ପାଳନ କରାଯାଏ। କିନ୍ତୁ ଭଞ୍ଜନଗର ଅଞ୍ଚଳର ଅନେକ କଲେଜରେ ଶୁକ୍ରବାର ଏହି ଦିବସ ପାଳନ ହୋଇପାରିନାହିଁ। ଛାତ୍ରୀଛାତ୍ର ଏବଂ ଯୋଜନା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ, ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଧିକାଂଶ ସମୟ କାର୍ଯ୍ୟ ଚାପରେ ରହୁଥିବା ଯୋଗୁ ଉତ୍ସାହ ନ ଦେଖାଇବା, ବିଶ୍ୱବିଦ୍ୟାଳୟ ମଧ୍ୟ ଅନୁଦାନ ଠିକ୍ ସମୟରେ ନ ଦେବା ଏହାର ମୁଖ୍ୟ କାରଣ। ଏଭଳି ସ୍ଥିତିରେ ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟ ଏନଏସ୍ଏସ୍ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏନଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଜିଲା ଯୁବ ରେଡ୍‌କ୍ରସ ଅଧିକାରୀ ଅଧାପକ ବି.ଗୋବିନ୍ଦ ରାଓ, ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ଡ଼.ଜୟରାମ ସେନାପତି ସଭାରେ ଅଧକ୍ଷତା କରିଥିଲେ। ଯୋଜନା ଅଧିକାରିଣୀ ଡ଼.ପୁଷ୍ପାଞ୍ଜଳି ପଟ୍ଟନାୟକ ସ୍ୱାଗତ ଭାଷଣ, ଅଧାପିକା ସନ୍ଧ୍ୟାରାଣୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୟଲକ୍ଷ୍ମୀ ରଥ ଏନଏସ୍ଏସର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧାପକ ଅମୂଲ୍ୟ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଭାକର ଶତପଥି ସଭାପତିତ୍ୱ କରିଥିଲେ। ଅଧାପକ ବସନ୍ତ କୁମାର ଶତପଥୀ, ସୁଧୀର କୁମାର ପଟ୍ଟନାୟକ, ରମଣୀ ରଞ୍ଜନ ମିଶ୍ର, ବିପିନ ବିହାରୀ ପାଢ଼ୀ, ନଟବର ଜେନା, ଅଧାପିକା ମିନତୀ ସ୍ୱାଇଁ ପ୍ରମୁଖ ବୈଠକରେ ମଞ୍ଚାସୀନ ଥିଲେ।

# ରାଷ୍ଟ୍ରୀୟ ସେବା ଦିବସ

ଆସିକା,୨୪।୯(ଡି.ଏନ୍.ଏ.)

ଆସିକା ବିଜ୍ଞାନ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ଶୁକ୍ରବାର ରାଷ୍ଟ୍ରୀୟ ସେବା ଦିବସ ଓ ଆଭିମୁଖିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧକ୍ଷ କେଦାରନାଥ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରି ସେବା ଆଭିମୁଖ୍ୟ ଓ ସେବା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଅଧାପକ ଡ. ସତିଶ ପ୍ରସାଦ ନାୟକ ଯୋଗ ଦେଇ ରାଷ୍ଟ୍ରୀୟ ସେବା ଯୋଜନାର ଲକ୍ଷ୍ୟ ଓ ଆଭିମୁଖ୍ୟ, ମାନବିକତାର ମୁଳ ମନ୍ତ୍ର ତଥା ସେବା ସମ୍ପର୍କରେ ସ୍ୱାମୀ ବିବେକାନନ୍ଦଙ୍କ ମହତ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଜାତୀୟ ସେବା ଯୋଜନାର ଯୋଜନା ଅଧିକାରୀ ଅଧାପକ ପ୍ରଦୀପ ସବର, ବିଭୂ କଲ୍ୟାଣ ପଣ୍ଡା, ଦୟାନିଧି ବଡରଇତ, ସସ୍ମିତା ପାତ୍ର, ଡ. ଅଭୟ କେଶରୀ ପରିଛା ପଟ୍ଟନାୟକ, ରାଜେଶ କୁମାର ସାହୁ, ସାଲି କୁମାର ସ୍ୱାମୀ, ଦେବବ୍ରତ ସାହୁଙ୍କ ସମେତ ସେବା ଯୋଜନାରେ ସାମିଲ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପଞ୍ଚାୟତସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ

ଦିଗପହଣ୍ଡି,୨୪।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପଞ୍ଚାୟତ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବି.କ୍ରିଷ୍ଣାରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳୀ ଶତପଥୀଙ୍କ ଅଧକ୍ଷତାରେ ପଦ୍ମନାଭପୁର ସେକ୍ଟର ଅଙ୍ଗନୱାଡି ସୁପରଭାଇଜର ମମତା ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମାଣ୍ଡିଆ, ଗହମ, ଶାଗ ଓ ଛତୁଆରେ ପ୍ରସ୍ତୁତ ବିଭିନ୍ନ କିସମର ପୃଷ୍ଟିକର ଖାଦ୍ୟ ଗ୍ରହଣ କଲେ ଗର୍ଭବତୀ ମହିଳା ଓ ଶିଶୁମାନେ ଅପପୁଷ୍ଟି ଭଳି ବିଭିନ୍ନ ରୋଗରୁ ମୁକ୍ତି ପାଇବା ବୋଲି ପରାମର୍ଶ ଦିଆଯାଇଥିଲା। ଶେଷରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ସୁପରଭାଇଜର ଗଣେଶ ଭୂୟାଁଙ୍କ ସମେତ ପଦ୍ମନାଭପୁର ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ୟାଣ୍ଟିନ ଆଗରେ ଛାତ୍ରାବାସ ଅନ୍ତେବାସୀଙ୍କ ଧାରଣା



ଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୪।୯

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରବାସ ଅନ୍ତେବାସୀ ମାନେ କ୍ୟାଣ୍ଟିନରେ ଉନ୍ନତମାନର ଖାଦ୍ୟ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହା ପ୍ରତିବାଦରେ ଗୁରୁବାର ରାତିରେ ଛାତ୍ରାବାସର ୫୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ କ୍ୟାଣ୍ଟିନ ସମ୍ମୁଖରେ ଧାରଣା ଦେଇଥିଲେ। କରୋନା ପରେ ବିଶ୍ୱବିଦ୍ୟାଳୟ ଖୋଲିବା ପରଠୁ କ୍ୟାଣ୍ଟିନରେ ଖାଦ୍ୟ ଦର ବୃଦ୍ଧି ହୋଇଛି। ପୂର୍ବ ତୁଳନାରେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ଗୁରୁବାର ସକାଳେ ଛାତ୍ର ନିମନ୍ତେ ଉଦ୍ଦିଷ୍ଟ କ୍ୟାଣ୍ଟିନ ଛାତ୍ର ଦିଆଯାଇଥିବା ଖାଦ୍ୟରେ ପୋକ ବାହାରିଥିବା ନେଇ କ୍ୟାଣ୍ଟିନରେ ଅଭିଯୋଗ ହୋଇଥିଲା। ଛାତ୍ରଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଇନଥିଲା। ଏଣୁ ବାଧ ହୋଇ ଛାତ୍ରମାନେ ରାତି ପ୍ରାୟ ୯ଟାରେ କ୍ୟାଣ୍ଟିନ ସମ୍ମୁଖରେ ଧାରଣା ଦେଇଥିଲେ। କ୍ୟାଣ୍ଟିନ ଦାୟିତ୍ୱରେ ଥିବା ଡ଼. ମହେଶ୍ୱର ସେଠୀ ଅଧଘଣ୍ଟା ପରେ ସେଠାରେ ପହଞ୍ଚି ଶନିବାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଅନାଥ ୬ ଭଉଣୀଙ୍କୁ କିସ୍ ଫାଉଣ୍ଡେଶନର ସହାୟତା

ପାରଳାଖେମୁଣ୍ଡି,୨୪।୯(ଡି.ଏନ୍.ଏ.)

ଗଜପତି ଜିଲା ନୂଆଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ଥିବା ଖାରିସାହିର ୬ ଅନାଥ ଭଉଣୀଙ୍କୁ ଶୁକ୍ରବାର କିସ୍ ଫାଉଣ୍ଡେଶନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଗତବର୍ଷ ଏପ୍ରିଲରେ ସେମାନଙ୍କ ବାପା ଉର୍ବଙ୍ଗ ଦଳ ବେହେରା ଓ ମା' ସୁଜନୀ ଜ୍ୱରରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିବା ପରେ ୬ ଝିଅ ଅନାଥ ହୋଇଯାଇଥିଲେ। ବଡ଼ ଦୁଇ ଝିଅ ସୁରଜନୀ ଓ ଉର୍ବନୀ ପରିବାର ପ୍ରତିପୋଷଣ କରିବା ପାଇଁ ଦିନ ମଜୁରିଆ ଭାବେ କାମ କରୁଛନ୍ତି। ଏହି ଖବର କନ୍ଧମାଳ ଏମ୍‌ପି ତଥା କିସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନଜରକୁ ଆସିବା ପରେ ତୁରନ୍ତ ଏହି ଅନାଥ ଭଉଣୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏଥି ସହ ସେମାନେ ପାଠ ପଢ଼ିବା ଜାରି ରଖିବା ପାଇଁ ସାମନ୍ତ ପରାମର୍ଶ ଦେଇଥିଲେ। ଏବେ ସେମାନଙ୍କ ଚଳିବା ଓ ପାଠ ପଢ଼ିବା ପାଇଁ କିସ ଫାଉଣ୍ଡେଶନ ପକ୍ଷରୁ ପ୍ରତ୍ୟେକ ମାସରେ ୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୬ ଭଉଣୀ ଏମ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କବି ନୃସିଂହାନନ୍ଦଙ୍କୁ ସାହିତ୍ୟ ରତ୍ନ ସମ୍ମାନ




ନୃସିଂହାନନ୍ଦଙ୍କୁ ସମ୍ମାନିତ କରାଯାଉଛି।

ଫୁଲବାଣୀ ଅଫିସ, ୨୪।୯

କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା କବି ନୃସିହାନନ୍ଦଙ୍କୁ ସାହିତ୍ୟ ରତ୍ନରେ ସମ୍ମାନିତ କରାଯାଇଛି। ମହାରାଷ୍ଟ୍ର ନାଗପୁରର ସମତା ସାହିତ୍ୟ ଏକାଡେମୀ ପକ୍ଷରୁ ନୃସିହାନନ୍ଦଙ୍କୁ ଏହି ଜାତୀୟସ୍ତରୀୟ ପୁରସ୍କାର ମିଳିଛି। ରାଷ୍ଟ୍ରୀୟ ଗୁରୁଦିବସ ଉପଲକ୍ଷେ ମହାରାଷ୍ଟ୍ର ନାଗପୁରର ସମତା ଏକାଡେମି ତରଫରୁ ଆୟୋଜିତ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାରାଷ୍ଟ୍ର ଶକ୍ତି ମନ୍ତ୍ରୀ ଡ.ନିତିନ ରାଓତ ଉଦ୍‌ଘାଟନ କରିଥିଲେ। ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ବିକାଶ ମହାତ୍ମେଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ରାମଦାଶଜୀ ତଡସ ଓ ସମ୍ମାନିତ ଅତିଥି ଭାବେ ଡ. ଜୟପ୍ରକାଶ ଦୁବକ ଓ ଦେଶରାଣୀ କ୍ଷୀରସାଠ ଯୋଗଦେଇ କବି ନୃସିଂହାନନ୍ଦଙ୍କୁ ମାନପତ୍ର ଓ ଉପଢୌକନ ସହ ନଗଦ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଅନେକ ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସମ୍ମାନିତ ହୋଇ ସାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କନ୍ଧମାଳ ଜିଲା ଲେଖକ ସାମ୍ମୁଖ୍ୟର କର୍ମକର୍ତ୍ତା, ସଦସ୍ୟମାନଙ୍କ ସହିତ ରାଜ୍ୟର ଅନେକ ସାହିତ୍ୟପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମତା ସାହିତ୍ୟ ଏକାଡେମୀର ଅଧକ୍ଷ ଅରୁଣ ରାଉତ, ସମ୍ପର୍କ ପ୍ରମୁଖ ସୁମେଥ କମ୍ବଳେ, ମହାସଚିବ ପୁରାଣ ତାଣ୍ଡକାର, ମହାରାଷ୍ଟ୍ର ପ୍ରଦେଶ ଅଧକ୍ଷ ଡି.ଏସ ନରକାର, ଯୁବ ଅଧକ୍ଷ ରୋହିତ ତାଣ୍ଡକର, ଓଡିଶା ପ୍ରାନ୍ତର ଅଧକ୍ଷ ବାହାଦୂର ପାଟଶାଣି ପ୍ରମୁଖ ଉପସ୍ଥିତ ଥିଲେ।

# ପାର୍କିଂ ଲାଗି ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପୁରୁଷୋତ୍ତମପୁର,୨୪।୯(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍ଏସିର କବି ସୂର୍ଯ୍ୟନଗର-ହୁମ୍ମା ପୂର୍ତ୍ତ ବିଭାଗୀୟ ରାସ୍ତାର କଲେଜ ଛକ ନିକଟରେ ପରିବା ବଜାରକୁ ଲାଗି ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସକୁ ନେଇ ଦୀର୍ଘ ବର୍ଷ ହେଲା ବିବାଦ ଲାଗି ରହିଛି। ଏ ନେଇ ଗୋଟିଏ ପରେ ଗୋଟିଏ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହେବାରେ ଲାଗିଛି। ପୁରୁଷୋତ୍ତମପୁରର ଅଶୋକ କୁମାର ସାମନ୍ତରାୟ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଡବ୍ଲୁପିସିସି ୨୦୬୩୯/୨୧ରେ କରିଥିବା ପ୍ରକାରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ନେଇ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ନିତିଶ କୁମାର ତ୍ରିପାଠୀ ଓ ଏନ୍ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଶୁକ୍ରବାର ବିବାଦୀୟ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସକୁ ଆସି ବୁଲି ଦେଖିବା ସହ ପାର୍କିଂ ଲାଗି ଜାଗା ମାନ ଦେଖିଛନ୍ତି। ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଶୋକ ପ୍ରତିକ୍ରିୟାରେ କହିଛନ୍ତି ଏନ୍ଏସି ପ୍ରଶାସନ ପାଖରେ ଯଦି କୌଣସି ବ୍ୟକ୍ତି ଘରର ପ୍ଲାନ ଏଷ୍ଟିମେଣ୍ଟ କରେ ସେତେବେଳେ ସେହି ହିତାଧିକାରୀଙ୍କୁ ମୁନିସିପାଲଟି ଆଇନ ପ୍ରକାରେ ବାଉଣ୍ଡେରି ଛାଡିବାକୁ କହୁଥିବା ବେଳେ ନିଜେ ନିର୍ମାଣ କରୁଥିବା ମାର୍କେଟ କମ୍ପ୍ଲେକ୍ସରେ କିଭଳି ବାଉଣ୍ଡେରି ଓ ପାର୍କିଂ ଲାଗି ଜାଗା ଛାଡିନାହାନ୍ତି। ପୂର୍ତ୍ତ ବିଭାଗୀୟ ମୁଖ୍ୟରାସ୍ତାକୁ ଲଗାଇ ଗୃହ ନିର୍ମାଣ କରୁଛନ୍ତି। ଯାହାଦ୍ୱାରା ଏଠାରେ ଟ୍ରାଫିକ ସମସ୍ୟା ଉପୁଜି ନିରୀହ ଲୋକଙ୍କ ଧନଜୀବନ ହାନି ଘଟିବ ବୋଲି ଅଭିଯୋଗ କରି ପାର୍କିଂ ଲାଗି ଯାଗା ଯୋଗାଇଦେବା ପାଇଁ ଦାବି କରିଛନ୍ତି। ଏହାକୁ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

# ମଦ ପୋଚ ପାଣି ନ ଛାଡ଼ିବା ପାଇଁ ଦାବିପତ୍ର

ବେଗୁନିଆପଡା,୨୪।୯(ଡି.ଏନ.ଏ.)



ଗ୍ରାମବାସୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋଦଳା ଏନ୍ଏସି ରେଞ୍ଜର ବଙ୍ଗଳା ସାହିର କିଛି ସାହି ବାସିନ୍ଦା ଦେଶୀ ମହୁଲି ମଦ ପୋଚ ପାଣି ସେମାନଙ୍କ ସାହି ବାଡ଼ି ପଟକୁ ନ ଛାଡିବା ନେଇ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପି.ଇଶ୍ୱରୀ, ପି. ବିଜୟଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି କୋଦଳା ଥାନାଧିକାରୀ ଦେବାଶିଷ ମହାନ୍ତି ଓ ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କ ଅନୁପସ୍ଥିତିରେ ସେସନ୍ସ ଅଫିସର ରାଧାମାଧବ ପାତ୍ରଙ୍କୁ ଦାବ ପତ୍ର ପ୍ରଦାନ କରିଥିଲେ। ଏହି ମଦ ପୋଚ ପାଣି ସେମାନଙ୍କ ବାଡ଼ି ପଟେ ରହିବା ଓ ଉକ୍ତ ପାଣି ବିଭିନ୍ନ ପୋଖରୀରେ ପସିବା ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏକ ଚାରିଜଣିଆ ପ୍ରତିନିଧି ଦଳ ଥାନାଧିକାରୀ ମହାନ୍ତିଙ୍କୁ ମଧ ଦାବୀପତ୍ର ପ୍ରଦାନ ସହ ସେମାନଙ୍କ ଅସୁବିଧା ସମ୍ପର୍କରେ ଜଣାଇଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି କହିଥିଲେ। ଏଥିରେ ଶତାଧିକ ମହିଳା ପୁରୁଷଙ୍କ ସମେତ କିଛି ବୁଦ୍ଧିଜୀବୀ ମଧ ସାମିଲ୍ ଥିଲେ।

# ସବୁ ଘରକୁ ମିଳିବ ପିଇବା ପାଣି

ବଳସକୁମ୍ପା,୨୪।୯

**ଖଜୁରିପଡ଼ା ବ୍ଲକରେ ଚାଲିଛି ସର୍ଭେ**



ଚାଲୁ ରହିଛି ସର୍ଭେ।

କନ୍ଧମାଳ ଜିଲା ସମେତ ଖଜୁରିପଡ଼ା ବ୍ଲକ ଅଧିବାସୀ ଅଧ୍ୟୁଷିତ ଅଞ୍ଚଳ। ବଣ ପାହାଡ଼ ତରୁ ଲତାରେ ପରିପୂର୍ଣ୍ଣ ଏହି ବ୍ଲକରେ ଅନେକ ସମୟରେ ପିଇବା ପାଣି ସମସ୍ୟା ଦେଖାଦେଇଛି। କିନ୍ତୁ ଆଉ ପିଇବା ପାଣି ସମସ୍ୟା ରହିବ ନାହିଁ ବୋଲି ପାନୀୟ ଜଳ ମେଗା ପ୍ରକଳ୍ପ ସର୍ଭେ କରୁଥିବା କର୍ମଚାରୀ ଏବଂ ମେଶିନ ଅପରେଟର ପ୍ରକାଶ ଖନୱାଲ ଓ ବିକ୍ରମ କୁମାର୍ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ଘରେ ଘରେ ଜନସାଧାରଣ ଯେପରି ଭାବେ ପିଇବା ପାଣି ପାଇବେ ସେଥି ପ୍ରତି ଦୃଷ୍ଟି ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମହାନଦୀରୁ ପାଣି ଉଠାଇ ଗାଁ ଗାଁରେ ପାଣି ଟାଙ୍କି ନିର୍ମାଣ କରି ଘରକୁ ଘର ପାଣି ପାଇପ ସଂଯୋଗ କରି ପ୍ରତ୍ୟେକ ଘରେ ପିଇବା ପାଣି ଯୋଗାଇ ଦେବେ। ଏହି ମହା ପ୍ରକଳ୍ପ ନିର୍ମାଣ ହେବା ପାଇଁ ଖଜୁରିପଡ଼ା ବ୍ଲକର ୧୪ ପଞ୍ଚାୟତରେ ଏବେ ରାଜସ୍ଥାନରୁ ଆସିଥିବା ୭ ଟିମ୍ ମେଶିନ ଅପରେଟରମାନେ ସର୍ଭେ କରୁଛନ୍ତି ଏବଂ ଏହି ପ୍ରକଳ୍ପ ନିର୍ମାଣ କାମ ଦୁଇ ତିନି ମାସ ମଧ୍ୟରେ ଆରମ୍ଭ ହୋଇଯିବ ବୋଲି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଟିମ୍ ବଳସକୁମ୍ପା ଏବଂ ଟିଗ୍ରାପଙ୍ଗା ପଞ୍ଚାୟତର ଗ୍ରାମ ଗୁଡ଼ିକରେ ସର୍ଭେ କରୁଥିବା ଦେଖିବାକୁ ମିଳିଛି।

## ବଜ୍ରପାତରେ ୧୦ ବଳଦ ମୃତ

ଆର.ଉଦୟଗିରି: (ଡି.ଏନ.ଏ.)- ମୋହନା ବ୍ଲକ ବାଡେଗୁଡା ପଞ୍ଚାୟତର ଉପରପାଲ୍ଲା ଗ୍ରାମରେ ବଜ୍ରପାତରେ ଗୁରୁବାର ୧୦ ବଳଦଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନରେ ହଠାତ୍ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ପାହାଡ ଉପରେ ଥିବା ଏକ ପଥର କୋରଡରେ ବଳଦମାନେ ଆଶ୍ରୟ ନେଇଥିଲେ। ସେହିସ୍ଥାନରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ବଳଦଙ୍କ ମୃତ୍ୟୁ ଘଟିଥିଲା। ଏଥିରେ କାମେଶ୍ୱର ମଲ୍ଲିକଙ୍କ ୫, ସୁଶାନ୍ତ ମଲ୍ଲିକ ୩ ଓ ମହେନ୍ଦ୍ର ମଲ୍ଲିକଙ୍କ ୨ ବଳଦ ରହିଥିଲେ। ମୋହନା ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା ବଳଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କ୍ଷତିଗ୍ରସ୍ତ ବଳଦ ମାଲିକମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ମୋହନା ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ମଦ ଜବତ, ଜଣେ ଅଟକ

ଛତ୍ରପୁର,୨୪।୯(ଡି.ଏନ୍.ଏ.):ଛତ୍ରପୁର ଥାନା ଶାନ୍ତି ନଗର ଅଞ୍ଚଳରୁ ଗୁରୁବାର ବିଳମ୍ବିତ ରାତିରେ ୧୦.୫ ଲିଟର ମଦ ଜବତ କରାଯାଇଛି। ଶାନ୍ତି ନଗର ଅଞ୍ଚଳରେ ବେଆଇନ ମଦ ବିକ୍ରି ଚାଲିଥିବା ଖବରପାଇ ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ୍ଆଇ ବିଶ୍ୱମ୍ବର କଅଁରଙ୍କ ସହ ଏକ ଟିମ ଏକ ଘର ଉପରେ ଚଢାଉ କରିଥିଲେ। ସେଠାରୁ ୭ ଲିଟର ଦେଶୀ ଓ ୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ନଂ. ୪୯୦/୨୧ ରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ସବ ଇନିସପେକ୍ଟର ସତ୍ୟଜିତ ବେଣିଆ ସୂଚନା ଦେଇଛନ୍ତି।

### ଅଟୋ ଧକ୍କାରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ

ଚିକିଟି,୨୪।୯(ଡି.ଏନ.ଏ.):କେ. ନୂଆଗାଁ ଥାନା ଅନ୍ତର୍ଗତ ଚୁଡ଼ଙ୍ଗପୁର ଛକ ନିକଟରେ ଗୁରୁବାର ସକାଳେ ଅଟୋ ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଦେଉଳି ଗ୍ରାମର ସତ୍ୟବାଦୀ ସାହୁ (୪୫)। ସୂଚନାଯୋଗ୍ୟ, ଗୁରୁବାର ଭୋର ୫.୩୦ମିନିଟରେ ଭୁବନେଶ୍ୱରରୁ ଚିକିଟି ଆସୁଥିବା ଏକ ଘରୋଇ ବସ୍ ଚୁଡ଼ଙ୍ଗପୁର ଛକ ନିକଟରେ ଡ୍ରାଇଭର ରଖି ଶୌଚ ପାଇଁ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ଅଟୋ (ନଂ ଓଡି୦୭ଏଜେ୧୦୮୦) ଧକ୍କା ଦେବାରୁ ଘଟଣାସ୍ଥଳରେ ସତ୍ୟବାଦୀଙ୍କର ମୃତ୍ୟୁ ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ କେ.ନୂଆଗାଁ ପୋଲିସ ପହଞ୍ଚି ବସ୍ ଓ ଅଟୋ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲ ପଠାଇଛି। ଏନେଇ କେ.ନୂଆଗାଁ ଥାନାରେ ନଂ.୧୮୧/୨୦୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରହିଥିବା ପୋଲିସ କହିଛି।

### ଆକ୍ରମଣ,ପ୍ରତି ଆକ୍ରମଣ ମାମଲାରେ ୩ କୋର୍ଟଚାଲାଣ

ଗୋପାଳପୁର,୨୪।୯(ଡି.ଏନ.ଏ.): ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ହଳଦିଆପଦର ଗ୍ରାମରେ ଗତ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ପୋଲିସ ଏନେଇ ଦୁଇଟି ମାମଲା ରୁଜୁ କରିଥିଲା। ସଦାନନ୍ଦ ଦାସଙ୍କ ଏତଲା କ୍ରମେ ୨୬୬/୨୧ ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହଳଦିଆପଦର ଗ୍ରାମର ମଧୁସୂଦନ ସାହୁ, କଂଗ୍ରେସ ଦାସ ଓ କିଷାନ ଦାସ। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମ ଦଳିତ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୧୭ ତାରିଖରେ କଂଗ୍ରେସ ନିଜ ଦୋକାନ ନିକଟରେ ଠିଆ ହୋଇଥିବା ବେଳେ ଅପର ଗୋଷ୍ଠୀର ୬ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏନେଇ କଂଗ୍ରେସ ୧୮ ତାରିଖରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ ନଂ ୨୬୩/୨୧ରେ ମାମଲା ରୁଜୁ ହୋଇଥିଲା। ସେହିପରି ରବିବାର ରାତ୍ର ପ୍ରାୟ ୧୦ଟାରେ ଅପର ଗୋଷ୍ଠୀର ସଦାନନ୍ଦ ଘରେ ଥିବା ବେଳେ କଂଗ୍ରେସ ଓ ୬ ଜଣ ମିଶି ସଦାନନ୍ଦ, ଶିଶିର ଦାସ ଓ ସଞ୍ଜୁ ଦାସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି କାତି, ଖଣ୍ଡାରେ ଆକ୍ରମଣ କରିବା ସହ ସଞ୍ଜୁଙ୍କୁ ଟଣାଓଟରା କରିଥିଲେ।

### ବିଶେଷ ଟ୍ରେନ୍‌ର ୟୁଟିଏସ୍ ଟିକେଟ ପାଇଁ ଦାବି

ପାରଳାଖେମୁଣ୍ଡି,୨୪।୯(ଡି.ଏନ୍.ଏ.): କୋଭିଡ୍ ନିୟମ କୋହଳ ହୋଇଥିବାରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳମନ୍ତ୍ରଣାଳୟ କିଛି ବିଶେଷ ଟ୍ରେନ୍‌ରେ ସଂରକ୍ଷିତ ଟିକେଟ ସହ ଅସଂରକ୍ଷିତ ଟିକେଟର ବ୍ୟବସ୍ଥା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଷ୍ଟେଶନରେ ଟିକେଟ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ପାରଳାଖେମୁଣ୍ଡି ଷ୍ଟେଶନ୍‌ରେ ଏହି ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାରଳାଖେମୁଣ୍ଡି ସଂରକ୍ଷିତ କାଉଣ୍ଟର ଷ୍ଟେଶନଠାରୁ ପ୍ରାୟ ୫ କିମି ଦୂରରେ ଅବସ୍ଥିତ ଥିବାରୁ ଟିକେଟ କିଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୋଇ କାଉଣ୍ଟରରେ ଟିକେଟ ପିଛା ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦାମ ଦେବାକୁ ପଡୁଛି। ଛୋଟ ଛୋଟ ଷ୍ଟେଶନରେ ଟ୍ରେନ ରହଣି ଥିଲେ ମଧ ଟିକେଟ ବିକ୍ରିର ସେପରି କିଛି ବ୍ୟବସ୍ଥା ନାହିଁ। ଟ୍ରେନ୍‌ରେ ଟିକେଟ ଯାଞ୍ଚର କଡ଼ାକଡ଼ି ନ ଥିବାର ସୁଯୋଗ ନେଇ ଅଧିକାଂଶ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଛନ୍ତି; ଯଦ୍ୱାରା ବିଭାଗର ବହୁତ କିଛି ରାଜସ୍ୱ କ୍ଷତି ହେଉଥିବା ଜଣାଯାଉଛି। ଏହାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଥିବା ଗୁଣୁପୁର-ପୁରୀ, ରାଜ୍ୟରାଣୀ ସ୍ୱତନ୍ତ୍ର ଟ୍ରେନ ପାଇଁ ପାରଳାଖେମୁଣ୍ଡି ଷ୍ଟେଶନ ସମେତ ଏହି ରାସ୍ତାର ପ୍ରତି ଷ୍ଟେଶନ ପୂର୍ବଭଳି ଅଣସଂରକ୍ଷିତ (ୟୁଟିଏସ) ଟିକେଟ ବିକ୍ରି ପାଇଁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

# ୫ ଜିଲାର ପ୍ରୋବେସନ ଆଇଏଏସ୍‌ଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ହିଞ୍ଜିଳିକାଟୁ/ପୁରୁଷୋତ୍ତମପୁର/ଶେରଗଡ଼/ଦିଗପହଣ୍ଡି,୨୪।୯(ଡି.ଏନ୍.ଏ)



ହିଞ୍ଜିଳିକାଟୁ ସାରୁ ପଞ୍ଚାୟତ ଗସ୍ତରେ ୫ ପ୍ରୋବେସନାରି ଆଇଏଏସ୍ ଓ ଅନ୍ୟମାନେ।

୫ ଜିଲାର ପ୍ରୋବେସନ ଆଇଏଏସ୍ ଶୁକ୍ରବାର ଦ୍ୱିତୀୟ ଦଫାରେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଶେରଗଡ଼ ଓ ଦିଗପହଣ୍ଡି ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ୫ ପ୍ରୋବେସନାରି ଆଇଏଏସ୍ ହେଲେ ବାଲେଶ୍ୱର ଜିଲାର ଚରଣ କୁନାଲ ମୋତିରାମ, ସମ୍ବଲପୁର ଜିଲାର କୁଲକର୍ଣ୍ଣ ଆଶୁତୋଷ, କୋରାପୁଟ ଜିଲାର ବେଦଭୂଷଣ, ଢେଙ୍କାନାଳ ଜିଲାର ବିଭୂତି ଭୂଷଣ ନାୟକ ଓ ଗଞ୍ଜାମ ଜିଲାର ମିସ ମଧୁମିତା। ମଧ୍ୟାହ୍ନରେ ସମସ୍ତ ଅଧିକାରୀମାନେ ହିଞ୍ଜିଳି ପହଞ୍ଚିଲା ପରେ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁବ୍ରତ କୁମାର ଜେନା ସ୍ୱାଗତ କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ସାରୁ ପଞ୍ଚାୟତରେ ଅଧିକାରୀମାନେ ସାରୁ ହାଇସ୍କୁଲର ରୂପାନ୍ତରୀକରଣ, ସାରୁ ବିଜୁ ପଟ୍ଟନାୟକ ପାଠାଗାର ଓ ସୂଚନା କେନ୍ଦ୍ର, ଗାଈ ଗୁହାଳ ଏବଂ ଗ୍ରାମ ପଞ୍ଚାୟତ ଅଫିସ କୋଠା ବୁଲି ଦେଖିଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପାଣ୍ଡିଆଠାରେ ଥିବା ଐତିହାସିକ ଜଉଗଡ ଓ ବଡଖରିଡାର ପ୍ରସିଦ୍ଧ ଶୈବ ପୀଠ କାଳେଶ୍ୱରଠାରେ ନିର୍ମାଣ ହୋଇଥିବା ମଡେଲ୍ ପାର୍କକୁ ୫ ଜିଲାରେ କାର୍ଯ୍ୟରତ ପ୍ରୋବେସନ ଆଇଏଏସ ଅଫିସର ବୁଲି ଦେଖିଛନ୍ତି। ଏଥିସହ କାଳେଶ୍ୱର ପାର୍କକୁ ଯାଇ ନିର୍ମାଣ କରାଯାଇଥିବା ବୋଟିଂ ବ୍ୟବସ୍ଥା, ଗେଟ୍ ଓ ଆନୁସଙ୍ଗିକ କାର୍ଯ୍ୟମାନ ଦେଖି ଖୁସି ପ୍ରକଟ କରିଥିଲେ। ଏହି ଅଧିକାରୀଙ୍କ ଗସ୍ତରେ ବିଡିଓ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ। ସେହିପରି ଶେରଗଡ଼ରେ ନୂଆଁପଡା ଜିଲାର ୫ ବ୍ଲକର ବିଡିଓ ଓ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ପିଡି ମଧୁଛନ୍ଦା ସାହୁଙ୍କ ସମେତ ୧୯ ଜଣିଆ ଟିମ ପିତଳ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟରେ ୩ ସ୍ମାର୍ଟ ଶ୍ରେଣୀ, ଲାବୋରୋଟୋରୀ, ଇ.ଲାଇବ୍ରେରୀ, ବିଜ୍ଞାନଗାରା, କମ୍ପୁଟର ପ୍ରକୋଷ୍ଠ, ଶୌଚାଳୟ ଆଦି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ଯନ୍ତ୍ରୀ ପବିତ୍ର କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପିତଳ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେନ୍ଦୁଝର ଜିଲା ପିଡି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ବିଭିନ୍ନ ବ୍ଲକର ୩୩ ଜଣ ବିଡିଓ ଦିଗପହଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରି ଫେରିଥିବା ବିଡ଼ିଓ ହଲଧର ସବର କହିଛନ୍ତି।

# ହତ୍ୟା ଉଦ୍ୟମ ମାମଲାରେ ୨ ଭାଇ ଗଲେ ଜେଲ

ଦିଗପହଣ୍ଡି,୨୪।୯(ଡି.ଏନ.ଏ.)

- ୨ ପରିବାର ମଧ୍ୟରେ ସଂଘର୍ଷ
- ଘରେ ପଶି କାତିରେ ହାଣିଲେ
- ମାଆ, ପୁଅ-ଝିଅ ଗୁରୁତର

ଘରେ ପଶି ଆକ୍ରମଣ ଅଭିଯୋଗରେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଡମ୍ବରୁ ସେଠୀ ଏବଂ ରବି ସେଠୀ ୨ ଭାଇଙ୍କୁ ଶୁକ୍ରବାର ଦିଗପହଣ୍ଡି ପୋଲିସ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୨୪୪/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗୁରୁବାର ରାତିରେ ସାମାନ୍ୟ ବଚସାକୁ ନେଇ ଗ୍ରାମର ୨ ପରିବାର ଲୋକଙ୍କ ମଧ୍ୟରେ ବିବାଦ ହୋଇଥିଲା। ଡମ୍ବରୁ ଏବଂ ତାଙ୍କ ପରିବାରର ଅନ୍ୟାନ୍ୟ ସଦସ୍ୟ ହାତରେ କାତି, ଛେଲ, ତେଣ୍ଟା, ଠେଙ୍ଗା ଆଦି ମାରଣାସ୍ତ୍ରରେ ସଜ୍ଜିତ ହୋଇ ସ୍ୱର୍ଗତ କାଶୀ ସେଠୀଙ୍କ ଘରେ ପଶି ସମସ୍ତଙ୍କୁ ଆଖିବୁଜା ଆକ୍ରମଣ କରିଥିଲେ। ଆକ୍ରମଣରେ ବୃଦ୍ଧା ରଇବାରି ସେଠୀଙ୍କ ସମେତ ତାଙ୍କ ପୁଅ ତବଡିଆ, ଟୁକୁନା ଏବଂ ଝିଅ ଜୟନ୍ତୀ ଗୁରୁତର ଆହାତ ହୋଇଥିଲେ। ଜୟନ୍ତୀଙ୍କ ବେକରୁ ୩ ଭରି ଓଜନର ସୁନା ନାନୁ ମାଳି ଅଭିଯୁକ୍ତମାନେ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଆହାତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଏତଲା ହେବା ପରେ ପୋଲିସ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ଅପରପକ୍ଷରେ ଡମ୍ବରୁଙ୍କ ଝିଅ ସୁମିତ୍ରା ସେଠୀଙ୍କ ପାଲଟା ଏତଲା କ୍ରମେ ନଂ.୨୪୩/୨୧ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଯୁକ୍ତି ଦିଅ ନଚେତ ଜମି ଫେରାଅ

## ଟାଟା କମ୍ପାନୀ ଫାଟକ ଆଗରେ ଆନ୍ଦୋଳନ


ବିସ୍ଥାପିତମାନେ ଆନ୍ଦୋଳନ ଚଳାଇଛନ୍ତି।

ଛତ୍ରପୁର,୨୪।୯(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ଚମାଖଣ୍ଡିସ୍ଥିତ ଟାଟା କମ୍ପାନୀ ଫାଟକ ନିକଟରେ ୩ଦଫା ଦାବି ନେଇ ସିନ୍ଧିଗାଁ ବିସ୍ଥାପିତ ପରିବାର ପକ୍ଷରୁ ଶୁକ୍ରବାର ଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି । ବିସ୍ଥାପିତମାନେ ସପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୋପାଳପୁର ଟାଟା ଷ୍ଟିଲ ହେଲେ ଚାକିରି ମିଳିବ ଆଶା ନେଇ ୨୫ ବର୍ଷ ତଳେ ସିନ୍ଧିଗାଁ ଗ୍ରାମବାସୀ ସେମାନଙ୍କ ଜମିକୁ ଟାଟା କମ୍ପାନୀକୁ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ଟାଟା କମ୍ପାନୀ ନିଯୁକ୍ତି ଦେଲାନି। ଏ ନେଇ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିଲା ନାହିଁ। ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଆନ୍ଦୋଳନପନ୍ଥା ଗ୍ରହଣ କରିଛନ୍ତି। କମ୍ପାନୀ ଅଗ୍ରାଧିକାର ଭିତ୍ତିରେ ବିସ୍ଥାପିତ ପରିବାର ସଦସ୍ୟଙ୍କୁ ତୁରନ୍ତ ନିଯୁକ୍ତି ଦେଉ ନଚେତ ଜମି ଫେରସ୍ତ କରୁ ବୋଲି ବିସ୍ଥାପିତ ପରିବାର ପକ୍ଷରୁ ଦାବି ହୋଇଛି । ନିଯୁକ୍ତି ବାବଦରେ ୨୫ ବର୍ଷର ପରିବାର ପରିପୋଷଣ ଭତ୍ତା ବାବଦରେ କ୍ଷତପୂରଣ ପ୍ରତି ପରିବାରକୁ ୨୦ ଲକ୍ଷ ପ୍ରଦାନ ଓ ବିସ୍ଥାପିତଙ୍କର ଆର୍ଥିକ ସ୍ଥିତିର ଉନ୍ନତି ନିମନ୍ତେ ଟାଟାଷ୍ଟିଲ କମ୍ପାନୀରେ ବିଭିନ୍ନ ସଂସ୍ଥାରେ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦେଇ ତାହାକୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ନଚେତ ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଆନ୍ଦୋଳନରେ ସିନ୍ଧିଗାଁ ଗ୍ରାମ୍ୟ କମିଟି ସଭାପତି ପି. ନାଗେଶ୍ୱର ରେଡ୍ଡୀ, ସମ୍ପାଦକ ପି.ଜଗନ୍ନାଥ ରେଡ୍ଡୀ, କୋଷାଧ୍ୟକ୍ଷ କେ.ଆନନ୍ଦ ରେଡ୍ଡୀ, ଉମାଶଙ୍କର ସାହୁ, କେ.ଜଗନ୍ନାଥ ରେଡ୍ଡୀ, ଆର.ଭାଗିରଥି ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ୧୩ ସହରରେ ଇନ୍‌ଡୋର ଷ୍ଟାଡିୟମ୍ ଲାଗି ମିଳିଲା ମଞ୍ଜୁରୀ

## ଗଞ୍ଜାମ ଜିଲା: ପୌର ନିର୍ବାଚନ ପୂର୍ବରୁ ତତ୍ପରତା

ଛତ୍ରପୁର,୨୪।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ପୌର ନିର୍ବାଚନ ୩ବର୍ଷ ବିଳମ୍ବ ହେଲାଣି। ଜନପ୍ରତିନିଧିଙ୍କ ବଦଳରେ ଆଇଏଏସ୍ ଏବଂ ଓଏଏସ୍‌ମାନେ ଏନ୍ଏସି, ମ୍ୟୁନିସିପାଲିଟି ଓ ମହାନଗର ନିଗମର ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ଆଗକୁ ପୌର ନିର୍ବାଚନ କରିବାକୁ ସରକାର ସ୍ଥିର କରିସାରିଛନ୍ତି। ତେଣୁ ସରକାରଙ୍କ ଠାରେ ତତ୍ପରତା ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ୧୩ ସହରରେ ଗୋଟିଏ ଲେଖାଏ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିଛି । ଏ ନେଇ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆର୍ ଏଣ୍ଡ ବି ସର୍କଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଚିଠି ଆସିଛି । ୨୭ ତାରିଖ ମଧ୍ୟରେ ଏଗୁଡିକର ନିର୍ମାଣ ପାଇଁ ଟେଣ୍ଡର କରିବାକୁ ରାଜ୍ୟ ଚିଫ୍ ଇଞ୍ଜିନିୟର (ବିଲଡିଂସ)ଙ୍କ ଠାରୁ ନିର୍ଦ୍ଦେଶ ଆସିଛି । ମିଳିଥିବା ସୂଚନା ଅନୁସାରେ ଦିଗପହଣ୍ଡି ଏନଏସିରେ ହେବାକୁ ଥିବା ଇନ୍‌ଡୋର ଷ୍ଟାଡିୟମ ପାଇଁ ୬ .୨୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଚିକିଟି ଏନଏସି ଇନ୍‌ଡୋର ଷ୍ଟାଡିୟମ ପାଇଁ ୬.୧୫ କୋଟି ମଞ୍ଜୁର ହୋଇଛି। ସେହିପରି ଏନ୍ଏସି ରମ୍ଭା ପାଇଁ ୬.୪୫ କୋଟି, ଗଞ୍ଜାମ ୬.୨୨ କୋଟି , ପୁରୁଷୋତ୍ତମପୁର ୬.୨୪ କୋଟି, କୋଦଳା ୬.୧୭ କୋଟି, ଖଲ୍ଲିକୋଟ ୬.୫୨ କୋଟି, ଗୋପାଳପୁର ୬.୧୯ କୋଟି, ପୋଲସରା ୬.୨୮ କୋଟି, କବିସୂର୍ଯ୍ୟନଗର ୬.୧୩ କୋଟି, ଭଞ୍ଜନଗର ପାଇଁ ୬.୩୪ କୋଟି, ବେଲଗୁଣ୍ଠା ପାଇଁ ୬.୩୦ କୋଟି ଏବଂ ଆସିକା ଏନଏସି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୬.୨୮ କୋଟି ଟଙ୍କା ମଞ୍ଜୁର ହୋଇଛି । ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳଗୁଡିକର ବିଧାୟିକା ବିଧାୟକମାନଙ୍କ ଉପସ୍ଥିତିରେ ସ୍ଥାନୀୟ କ୍ରୀଡାବିତ୍ ଓ ଜନପ୍ରତିନିଧିମାନେ ପୃଥକ ଭାବେ ସେମାନଙ୍କ ଅଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଲାଗି ଭିଡିଓ କନଫରେନ୍ସରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସହ କଥାହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

# ଦୁର୍ଘଟଣାରେ ଖବରକାଗଜ ଏଜେଣ୍ଟ ଆହତ

ଛତ୍ରପୁର,୨୪।୯(ଡି.ଏନ୍.ଏ.)

ଦୈନିକ ଖବରକାଗଜ ଧରିତ୍ରୀର ଏଜେଣ୍ଟ ତଥା ଛତ୍ରପୁର ପ୍ରେସ କ୍ଲବର ସଦସ୍ୟ କେ. ରମେଶ ସଡ଼କ ଦୁର୍ଘଟଣାରେ ଗୁରତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳେ ରମେଶ ସ୍କୁଟି ଯୋଗେ ଡିଆରଡ଼ିଏ ଛକ ଅଭିମୁଖେ ଯାଉଥିବା ବେଳେ ଏକ ବାଇକ୍ ଦ୍ରୁତ ଗତି ପାର ହେବା ଫଳରେ ସେ ହଠାତ୍ ଆଗ ବ୍ରେକ ଦେବାରୁ ଭାରସାମ୍ୟ ହରାଇ ପଡିଯାଇଥଲେ। ରକ୍ତାକ୍ତ ଅବସ୍ଥାରେ ରମେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଖବରପାଇ ଛତ୍ରପୁରର ବହୁ ସାମ୍ବାଦିକ ଓ ସାଙ୍ଗସାଥୀ ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

# ଯୁବକଙ୍କ ଆକସ୍ମିକ ମୃତ୍ୟୁ

ଚିକିଟି,୨୪।୯(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଧାନଘର ଛକରେ ଗୁରୁବାର ରତିରେ ରାମଚନ୍ଦ୍ରପୁର ପଞ୍ଚାୟତ ଡାଳପଲଙ୍କ ଗ୍ରାମର ଏମ.ଗୋପାଳ(୫୦)ଙ୍କ ମୃତ୍ୟୁ ଘଟିଛି। ଗୋପାଳ ଦୀର୍ଘ ପ୍ରାୟ ୩ ବର୍ଷ ହେଲା ଦାଦନ ଖଟିବାକୁ ମାଲେସିୟା ଯାଇଥିଲେ। ଗୁରୁବାର ରାତିରେ ଇଚ୍ଛାପୁରାମ ଷ୍ଟେଶନରେ ଓହ୍ଲାଇ ସାଙ୍ଗମାନଙ୍କ ସହିତ ଏକ ଅଟୋ ଯୋଗେ ନିଜ ଗ୍ରାମକୁ ଆସୁଥିବା ବେଳେ ଧାନଘର ଛକରେ ଓହ୍ଲାଇ ମୃଦୁ ପାନୀୟ ପିଇବା ପରେ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିଲେ। ଏ ନେଇ ନଂ ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଲାଗି ପୋଲିସର ବୈଠକ

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

ପୁରୁଷୋତ୍ତମପୁର, ୨୪।୯(ଡି.ଏନ.ଏ.)


ବୈଠକରେ ମହିଳାମାନେ ।

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିଘାଇ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବିବାର ରାତିରେ ବିନାୟକ ପ୍ରଧାନଙ୍କୁ ଶୋଇଥିବା ଅବସ୍ଥାରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏ ନେଇ ପୋଲିସ କେତେଜଣ ଯୁବକଙ୍କୁ ଉଠାଇ ଆଣି ପଚରା ଉଚୁରା କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏ ନେଇ ଗ୍ରାମରେ ଅଶାନ୍ତକର ପରିସ୍ଥିତି ଉପୁଜିବାକୁ ଯାଉଥିବା ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଖବର ପାଇ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ନେଇ ଶୁକ୍ରବାର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ସୁନିଲ କୁମାର ଟୁଡୁଙ୍କ ସହ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଚିଙ୍ଗୁଡିଘାଇ ଗ୍ରାମକୁ ଯାଇ ଏକ ବୈଠକ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡ ସହ ସେମାନଙ୍କ ଘରକୁ ଗ୍ରାମରୁ ବାସନ୍ଦ କରିବାକୁ ଦାବି କରିଥିଲେ। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଭୀମପୁରରେ ଗୋଷ୍ଠୀ ସଂଘର୍ଷ, ୮ ଆହତ

ପାତ୍ରପୁର,୨୪।୯(ଡି.ଏନ.ଏ.)

ପୂର୍ବ ବିବାଦକୁ କେନ୍ଦ୍ର କରି ଜରଡ଼ା ଥାନା ପାତ୍ରପୁର ବ୍ଲକ ଭୀମପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୮ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନେ ହେଲେ ଏନ ନୋକେୟା, ଏନ କାମାକ୍ଷୀ, ଏନ ଦୁର୍ଯ୍ୟୋଧନ, ଡି ବାବାଜୀ, ଏମ କୁନ୍ତିଲି, ଇ ବୃନ୍ଦାବତୀ, ଏମ ଗୋବିନ୍ଦ ଓ ଏନ ପାପେୟା। ସମସ୍ତ ଆହତଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାରୁ ଉକ୍ତ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ଠେଙ୍ଗାରେ ଆକ୍ରମଣ ଓ ପ୍ରତିଆକ୍ରମଣ ପରେ ବୋମା ମାଡ଼ ହୋଇଥିଲା। ଏ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଶୁକ୍ରବାର ଭୋର୍‌ରେ ଜରଡ଼ା ଥାନା ଅଧିକାରୀ ଭବାନନ୍ଦ ପ୍ରଧାନ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗୋଷ୍ଠୀ ସଂଘର୍ଷର କାରଣ ଅସ୍ପଷ୍ଟ ରହିଥିବା ବେଳେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଗୋଟିଏ ବିଲଡିଂରେ ୩ ଯୋଜନା ଫଳକ

ବୁଗୁଡ଼ା,୨୪।୯(ଡି.ଏନ.ଏ.)


ନିର୍ମାଣାଧୀନ ବିଲଡିଂରେ ଲାଗିଛି ତିନି ଫଳକ।

ବୁଗୁଡ଼ା ବ୍ଲକ ଭାମଶିଆଳି ପଞ୍ଚାୟତରେ ଗୋଟିଏ ବିଲଡିଂର କାମ ଚାଲିଥିବା ବେଳେ ସେଥିରେ ତିନୋଟି ଅନୁଦାନର ଫଳକ ଲଗାଯାଇଛି। ପଞ୍ଚାୟତବାସୀଙ୍କ ନିମନ୍ତେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନରେ ଭାମଶିଆଳି ହାଇସ୍କୁଲ ପରିସରରେ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଉକ୍ତ ସୁବିଧା କେନ୍ଦ୍ର ନିକଟରେ ଏହି କାର୍ଯ୍ୟ ପାଇଁ ଆସିଥିବା ୧୦ ଲକ୍ଷ ଟଙ୍କାର ଅନୁଦାନ ଫଳକ ସହ ଆମ ଗାଁ ଆମ ବିକାଶ ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷର ପାଠାଗାର ଓ ସୂଚନା କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ଆସିଥିବା ଫଳକ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ତିତ୍‌ଲି ବାତ୍ୟାରେ ପଞ୍ଚାୟତ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ ପୁନରୁଦ୍ଧାର ନିମନ୍ତେ ୨ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ଫଳକ ପଞ୍ଚାୟତରେ ନ ମାରି ନିର୍ମାଣାଧୀନ ସୁବିଧା କେନ୍ଦ୍ର ନିକଟରେ ମାରିବା ରହସ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ ତିତ୍‌ଲି ବାତ୍ୟାରେ ପଞ୍ଚାୟତ କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇନି କି ପୁନରୁଦ୍ଧାର ପାଇଁ ଟଙ୍କାଟିଏ ଖର୍ଚ୍ଚ କରାଯାଇନି ବୋଲି କହିଥିବା ବେଳେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ମିଶ୍ର କିଛି ଜାଣି ନ ଥିବା କହି ସହକାରୀ ଯନ୍ତ୍ରୀ ଜାଣିଥିବେ ବୋଲି କହିଛନ୍ତି। ଏ ନେଇ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ଙ୍କୁ ପଚାରିବାରୁ ଦୁଇଟି ଅନୁଦାନରେ ଉକ୍ତ ବିଲଡିଂ ନିର୍ମାଣ କରାଯାଉଥିବା କହିଥିବା ବେଳେ ତିତ୍‌ଲି ଅନୁଦାନ ଫଳକ କିଏ ଭୁଲ୍‌ରେ ମାରି ଦେଇଥିବ ବୋଲି ସଫେଇ ଦେଇଛନ୍ତି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି।

# ନିଖିଳ ଓଡ଼ିଶା ଅଙ୍ଗନୱାଡି ସଂଘର ସ୍ମାରକପତ୍ର

ଗଞ୍ଜାମ/ପୁରୁଷୋତ୍ତମପୁର/ଆସିକା (ଡି.ଏନ.ଏ.)/ଗୋପାଳପୁର,୨୪।୯


ଆସିକା ସିଡିପିଓ କାର୍ଯକ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ।

ନିଖିଳ ଓଡିଶା ଅଙ୍ଗନୱାଡି ଗଞ୍ଜାମ ଶାଖା ସଂଘ ପକ୍ଷରୁ ୧୫ ଦଫା ଦାବୀ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ସେମାନଙ୍କ ବିଭିନ୍ନ ଦାବୀ ନେଇ ଗଞ୍ଜାମ ସହର ସ୍ଥିତ ତ୍ରିବେଣି ମଠ ଛକ ନିକଟରୁ ଶତାଧିକ ଅଙ୍ଗନୱାଡି କର୍ମୀ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ, ଗଞ୍ଜାମ ବିଡିଓ ଓ ସିଡିପିଓଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯିବା ସହ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଥିଲା। ସେହିପରି ପୁରୁଷୋତ୍ତମପୁର ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ୧୫ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ବିଡିଓ ବିଜୟ କୁମାର ବେହେରା, ସିଡିପିଓ ବବିତା ଚ୍ୟାଉ ପଟ୍ଟନାୟକଙ୍କୁ ପ୍ରଦାନ କରିବା ସହ ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଟୁଡୁଙ୍କୁ ପ୍ରଦାନ କରିଥିଲେ। ଆସିକା ବ୍ଲକ ଶାଖା ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଏକ ଶୋଭାଯାତ୍ରାରେ ବିଡିଓ ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ୧୫ ଦଫା ସମ୍ବଳିତ ଦାବିପତ୍ର ଆସିକା ବିଡିଓ ରୋଶନ ଶତପଥିଙ୍କ ଜରିଆରେ ଦିଆଯାଇଥିଲା। ସେହିଭଳି କର୍ମୀ ଓ ସହାୟିକାମାନେ ସିଡିପିଓଙ୍କୁ ଆଞ୍ଚଳିକ ସମସ୍ୟାର ଏକ ୧୩ ଦଫା ଦାବୀ ପତ୍ର ଦେବା ଲାଗି ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ ମଧ୍ୟ ସିଡିପିଓ ଅନୁପସ୍ଥିତିରୁ ଦାବି ପତ୍ର ଦେଇ ନପାରି ଫେରିଛନ୍ତି। ଅଙ୍ଗନୱାଡ଼ି କର୍ମୀ ସଂଘର ସଭାନେତ୍ରୀ ଅନୁସୂୟା ରେଡି, ଉପସଭାନେତ୍ରୀ ମିନତୀ ବରାଡ, ସମ୍ପାଦିକା ଗାୟତ୍ରୀ ପଣ୍ଡା, ସହ ସମ୍ପାଦିକା ଉଷାରାଣୀ ସାହୁ, ସୁଜାତା ନାହାକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପରିଚାଳିତ ହୋଇଥିଲା। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ସଭାନେତ୍ରୀ ନର୍ମଦା କୁମାରି ନାହାକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଡିଓଙ୍କ ଜରିଆରେ ଏକ ଦାବୀପତ୍ର ବିଡିଓଙ୍କ ଅନୁପସ୍ଥିତିରେ ପ୍ରଗତିସହାୟକ ମନମୋହନ ପାତ୍ର ଏବଂ ପ୍ରଦିପ୍ତ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। କିଛି ସମୟ ପାଇଁ କାର୍ଯ୍ୟାଳୟ ଠାରେ ଧାରଣାରେ ବସିଥିଲେ। ଏଥିରେ ସମ୍ପାଦିକା ସବିତା ଦେବୀ, ମଞ୍ଜୁଳା ନାୟକ, ସୁନୀତା ସାହୁ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

